**ବାଣ ଫୁଟାଇ ଦୁଇ ଶିଶୁ ଗୁରୁତର**

ମହାକାଳପଡ଼ା, (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ସୁନିତୀ ପଞ୍ଚାୟତ ଅଧୀନ ଖରିଅଣ୍ଟା ଗାଁରେ ଗୁରୁବାର ସନ୍ଧ୍ୟାରେ ବାଣ ଫୁଟାଇବା ବେଳେ ଅସାବଧାନତା ଯୋଗୁ ଦୁଇଭାଇ ଗୁରୁତର ହୋଇଥିବା ଜଣାପଡିଛି। ପରିବାର ଲୋକ ପ୍ରଥମେ ବାବର ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଗୁରୁତର ହେବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆହତ ହେଲେ ବାସୁ ପଲେଇଙ୍କ ଦୁଇପୁଅ ଚତୁର୍ଥ ଶ୍ରେଣୀରେ ପଢୁଥିବା ନନିଆ(୯) ଓ ତୃତୀୟରେ ପଢୁଥିବା ସାନ ପୁଅ ଅମର(୮)। ଦୁଇଭାଇଙ୍କ ହାତ ପାପୁଲି ବାରୁଦ ଲାଗି ଯିବାରୁ ନିଆଁ ଲାଗି ଜଳି ଯାଇଛି।

## ସଂକ୍ଷେପରେ

### କେନାଲରୁ ଯୁବକଙ୍କ ମୃତଦେହ ଜବତ

**ଜଗତ୍‌ସିଂହପୁର ଅଫିସ, ୫।୧୧:** ଜଗତ୍‌ସିଂହପୁର ଥାନା ବାଗସାହି ନିକଟ କେନାଲ ଭିତରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ସ୍ଥାନୀୟ ପୁନଙ୍ଗ ଗାଁର ସତ୍ୟଜିତ ଦାସ (୨୨)। ସେ ଜଗତ୍‌ସିଂହପୁର ବଜାରରେ ଥିବା ଏକ ମଲରେ କାମ କରୁଥିଲେ। ମୃତ୍ୟୁର କାରଣ ଜଣାପଡିନାହିଁ। ସତ୍ୟଜିତ୍ ବାଗସାହିରେ ରହୁଥିବା ମଲ କର୍ମଚାରୀମାନଙ୍କ ସହ ଗୁରୁବାର ରାତିରେ ଦୀପାବଳି ପାଳନ କରିବାକୁ ଆସିଥିଲେ। ମାତ୍ର ଆଉ ଘରକୁ ଫେରି ନ ଥିଲେ। ସକାଳେ ସତ୍ୟଜିତଙ୍କ ମୃତଦେହ ଓ ବାଇକ୍ କେନାଲରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଥାନାରେ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଠିକା କାମ ପାଇଁ ୨ ଭାଇଙ୍କୁ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

**ତିର୍ତ୍ତୋଲ, ୫।୧୧(ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା ପୋତାନଇ ପଞ୍ଚାୟତ ଖର୍ଦ୍ଦାସାହିରେ ବିଦ୍ୟାଳୟ ଠିକା କାମକୁ ନେଇ ୨ ଭାଇଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗାଁର ରମେଶ ବାରିକ। ଖର୍ଦ୍ଦାସାହି ପ୍ରାଥମିକ ବିଦ୍ୟାଳୟର ମରାମତି କାମ ଗାଁର କାର୍ତ୍ତିକ ମଲ୍ଲୀ, ତାଙ୍କ ଭାଇ ଗଣେଶଙ୍କୁ ମିଳିଥିଲା। ଏହାକୁ ରମେଶ ବିରୋଧ କରୁଥିଲେ। ଏ ନେଇ ଗୁରୁବାର ସନ୍ଧ୍ୟାରେ ରମେଶ କିଛି ଲୋକଙ୍କ ସହ ମିଶି ୨ ଭାଇଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ କାର୍ତ୍ତିକ ଓ ଗଣେଶ ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ନିମନ୍ତେ ଗଣେଶଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ନଂ. ୪୮/୨୧ରେ ମାମଲା ରୁଜୁ ହୋଇଛି।

### ପୋଲ ତଳୁ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

**ବାଲିକୁଦା, ୫।୧୧(ସ୍ୱ.ପ୍ର.):** ବାଲିକୁଦା ଥାନା କୁସୁନପୁର ଗାଁ ନିକଟ ଓରଣ୍ଡ ପୋଲ ତଳୁ ବୁଧବାର ରାତିରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗାଁର ଧର୍ମାନନ୍ଦ ଦାସଙ୍କ ପୁଅ ଦୀପୁନା(୨୪)। ଦୀପୁନାଙ୍କ ଦାଦା ସର୍ବେଶ୍ୱର ପୁତୁରାଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୩୮୩/୨୧ରେ ମାମଲା ରୁଜୁ ହୋଇଛି। ବୋରିକିନା ପଞ୍ଚାୟତ ଖଣ୍ଡପସା ଗାଁର ୨ ଜଣ ବ୍ୟକ୍ତି ବୁଧବାର ରାତି ୯ଟାରେ ଦୀପୁନାଙ୍କୁ ଡାକି ନେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲ ତଳେ ଦୀପୁନାଙ୍କ ମୃତଦେହ ପଡିଥିବା ଦେଖି ଥାନାରେ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ଆଳି,୫।୧୧(ଡି.ଏନ.ଏ.):** ଆଳି ବ୍ଲକ ବାଟିପଡା ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅର୍ଥ ତୋଷାରପାତ କରିଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପିଡି ଆଳି ବିଡିଓଙ୍କୁ ଦେଇଥିବା ଚିଠିରେ ବାଟିପଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ବ୍ରଜ କିଶୋର ମହାନ୍ତି ସରକାରୀ ଅର୍ଥ ହେରଫେର ଯୋଗୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏହି ସମୟରେ ସେ କେନ୍ଦ୍ରାପଡ଼ା ବ୍ଲକ ବିଡିଓଙ୍କ ଅଧୀନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖ ଯୋଗ୍ୟ, ବାଟିପଡା ଗାଁର ସୁବ୍ରତ ପରିଡା ସଫ୍ଟୱ୍ୟାର ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ତାଙ୍କ ନାମରେ ଆବାସ ଯୋଜନାରେ ଗୃହ ଆସିଥିଲା। ୨୦୧୯-୨୦ରେ ନିର୍ମାଣ ଶେଷ ହୋଇ ଆକାଉଣ୍ଟକୁ ଟଙ୍କା ଆସିଥିବା ସେ ଜାଣିବାକୁ ପାଇଥିଲେ। ସେ ଇନକମ ଟ୍ୟାକ୍ସ ଦେଉଥିବା ବେଳେ ତାଙ୍କ କିପରି ଆବାସ ମିଳିଲା, ଆବାସ ଅର୍ଥ କିଏ ନେଲା ସେ ନେଇ ଗତ ଜୁଲାଇ ୭ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ବେଳେ ପ୍ରମାଣ ମିଳିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ବିରି ଫସଲରେ କାଳିମୁଣ୍ଡି ପୋକ, ଚିନ୍ତାରେ ଚାଷୀ

## କୀଟନାଶକ ଔଷଧ ଯୋଗାଇ ଦେବାକୁ ଦାବି

**ପଟ୍ଟାମୁଣ୍ଡାଇ,୫।୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିରି ଅମାର କୁହାଯାଉଥିବା ଧୋୟାଞ୍ଚଳର ସିଂହଗାଁ, ପେଣ୍ଠପାଳ, ତରଡିପାଳ, ଅଳପୁଆ, ବଲୁରିଆ, ଅଣ୍ଡରା, ଅମୃତମଣୋହି ପଞ୍ଚାୟତରେ ବ୍ୟାପକ ଭାବେ ଚାଷ ହୋଇଛି। ହେଲେ ବିରି ଫସଲରେ କାଳିମୁଣ୍ଡି ପୋକ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। କାଳିମୁଣ୍ଡି ପୋକ ଦେଖି ଧୋୟାଞ୍ଚଳର ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। ଦୁର୍ଗା ପୂଜା ପରେ ଧୋୟାଞ୍ଚଳରେ ଚାଷ ଜମିରେ ବିରି ବୁଣା ଯାଇଥିଲା। ବିରି ଗଛ ୮ରୁ ୧୦ ପତରର ହୋଇଥିବାବେଳେ କାଳିମୁଣ୍ଡି ପୋକ ଆକ୍ରମଣ ଚାଷୀମାନଙ୍କୁ ବିବ୍ରତ କରିଦେଇଛି। ଚଳିତବର୍ଷ ବନ୍ୟାରେ ଧୋୟାଞ୍ଚଳରେ ପନିପରିବା ଫସଲ ଉଜୁଡି ଯାଇଥିଲା। ବନ୍ୟା ପ୍ରକୋପ କମିଲା ପରେ ଅର୍ଥକରୀ ବିରି ଫସଲ ଉପରେ ଚାଷୀମାନେ ଭରସା ରଖିଥିଲେ। ଗୋଟିଏ ରାତିରେ ଶତାଧିକ ଏକର ବିରି ଫସଲ ପୋକ ଉଜୁଡି ଦେଉଥିବା ଦେଖିବାକୁ ମିଳୁଛି। ବନ୍ୟାରେ ସର୍ବସ୍ୱ ହରାଇଥିବା ଧୋୟାଞ୍ଚଳ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ବିରି ଫସଲକୁ ପୋକ ଦାଉରୁ ରକ୍ଷା କରିବାକୁ ଚାଷୀଙ୍କ ନିକଟରେ ସମ୍ବଳ ନାହିଁ। କୃଷି ବିଭାଗ ଏ ସମ୍ପର୍କରେ ଜାଣି କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ ତୁରନ୍ତ କୀଟନାଶକ ଔଷଧ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଣ୍ଡରା, ଅଳପୁଆ, ଦାଣ୍ଡିସାହି, ସିଂହଗାଁ, କୃଷ୍ଣଦାସପୁର, କୋଳଥିଆ, ପେଣ୍ଠପାଳ, ତରଡିପାଳ, ତୁଳସିଡିଆ, ଅମୃତମଣୋହି, ବଲୁରିଆ, ସିଦ୍ଧବାଲି, ତରାଇପାଟଣା ଆଦି ଗାଁରେ ଥିବା ଚାଷଜମି ବିରି ଫସଲରେ ସର୍ବାଧିକ କାଳିମୁଣ୍ଡି ପୋକଙ୍କ ଦେଖିବାକୁ ମିଳିଛି। ସେହିପରି ଶ୍ରୀରାମପୁର, କଦମ୍ବଦାଣ୍ଡି, ପାଳପାଟଣା, ଡାମରପୁର, ବଳଭଦ୍ରପୁର, ଶାସନ, ବାଛରା, ମଣ୍ଡପଡା, ବାଲିପାଟଣା, ନୀଳକଣ୍ଠପୁର ଆଦି ଅଞ୍ଚଳରେ ପୋକ ଦେଖିବାକୁ ମିଳଛନ୍ତି। ଏହାଛଡା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା, ବାଲିପଡା, ତଳବାଲିପଡା, ବଳଦେବନଗର, ସିଦ୍ଧପାଟଣା, ତନୁପୁର, ନନ୍ଦିନୀନଗର, ଅଳଭା, ନୂଆଗାଁ, କାକୁଡିପଲ୍ଲୀ, ଷଣ୍ଢପଲ୍ଲୀ ଗାଁର ଚାଷ ଜମିରେ ବିରି ଫସଲରେ କାଳିମୁଣ୍ଡି ପୋକଙ୍କ ବୃଦ୍ଧି ପାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ଓ କୃଷକର ବିକାଶ ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରସ୍ତୁତ କରି ଚାଲିଥିଲେ ମଧ୍ୟ କୃଷି ବିଭାଗର ଅପାରଗତାକୁ ଚାଷୀମାନେ ନିର୍ଯାତିତ ହେବା ସାର ହେଉଛି। କାଳିମୁଣ୍ଡି ପୋକ ଦାଉରୁ ବିରି ଫସଲକୁ ରକ୍ଷା କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ରାଜ୍ୟ କୃଷିମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଚରଣ ଆଚାର୍ଯ୍ୟ, ଅଣ୍ଡରା ଗାଁର କୃଷକ ନେତା ଚିତ୍ତରଞ୍ଜନ ମଲ୍ଲିକ, ବୃନ୍ଦାବନ ମଲ୍ଲିକ, ପୂର୍ବତନ ସରପଞ୍ଚ କୈଳାସ ସେଠୀ, କୃଷକନେତା ପାରେଶ୍ୱର ବିଶ୍ୱାଳ, ଉଲ୍ଲାସ ମଲ୍ଲିକ, ପ୍ରଭାକର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଲଲାଟେନ୍ଦୁ ସ୍ୱାଇଁ, ପାର୍ଥସାରଥି ଦାସ, ଅଶୋକ ପରିଡା, ବାବୁଲି ସେଠୀ ପ୍ରମୁଖ ବହୁ ଲୋକ ପ୍ରତିନିଧି ଓ କୃଷକ ନେତା ଦାବି କରିଛନ୍ତି।


ବିରି ଗଛରେ ଲାଗିଥିବା କାଳିମୁଣ୍ଡି ପୋକ।

### ୨ ସ୍ଥାନରେ ଅଗ୍ନିକାଣ୍ଡ: ୩ ବଖରା ଜଳିଗଲା

**ରସୁଲପୁର,୫।୧୧(ଡି.ଏନ.ଏ.)**

ଯାଜପୁର ସଦର ଥାନା ଅଧୀନ ଅର୍ଥଗାଁ ପଞ୍ଚାୟତ ବଡ଼ଚଅପୋଇ ମାଲିଅଞ୍ଚ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ନାରାୟଣ ଦାସ ଓ କରୁଣାକର ଦାସଙ୍କ ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଛି। ଅନ୍ୟପକ୍ଷରେ ନାରାୟଣ ଘରେ ତେଜରାତି ଦୋକାନ କରିଥିଲେ। ନିଆଁରେ ଦୋକାନର ଅଧିକାଂଶ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପ୍ରାଥମିକ ଆକଳନରୁ ଜଣାଯାଇଛି। ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା କ୍ଷୟକ୍ଷତି ଆକଳନକରି ରସୁଲପୁର ତହସିଲକୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ପ୍ରଦାନ କରିଛନ୍ତି। ସେହିପରି ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ କୋଠଡ଼ିହ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ତପନ ମଲ୍ଲିକଙ୍କ ୨ବଖରା ଘର ଜଳିଯାଇଛି। ଉକ୍ତ ଘର ସଲଗ୍ନ ଗୁହାଳରେ ଥିବା ୨ ଗାଈ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ନିଆଁକୁ ଗାଁ ଲୋକେ ଆୟତ କରିଥିଲେ। ମାତ୍ର ନିଆଁର ପ୍ରକୋପରୁ ଘରର ଆସବାସପତ୍ରକୁ ଉଦ୍ଧାର କରି ପାରି ନ ଥିଲେ। ଶୁକ୍ରବାର ଧର୍ମଶାଳା ତହସିଲ ଅନ୍ତର୍ଗତ ବାଙ୍କସାହି ରାଜସ୍ୱ ସର୍କଲର ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ


ବନ ବିଭାଗ ପକ୍ଷରୁ ବେଆଇନ ଚିଙ୍ଗୁଡିଘେରି ଉଚ୍ଛେଦ କରାଯାଉଛି।

**କୁଜଙ୍ଗ, ୫।୧୧(ଡି.ଏନ୍.ଏ)**

କୁଜଙ୍ଗ ବନ ବିଭାଗ ପକ୍ଷରୁ ଶୁକ୍ରବାର ନୂଆଗାଁ ସେକ୍ସନ ଅଧୀନ ବରକୁଦାସ୍ଥିତ ଜଙ୍ଗଲ ଜମିରୁ ବେଆଇନ ଚିଙ୍ଗୁଡି ଘେରିଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଏହି ଜଙ୍ଗଲଜମିକୁ କିଛି ଲୋକ ଜବର ଦଖଲ କରି ଦୀର୍ଘ ବର୍ଷ ହେବ ଚିଙ୍ଗୁଡି ଘେରି କରିଥିଲେ। ଫଳରେ ପରିବେଶ ପ୍ରଦୂଷଣ ହେବା ସହ ସବୁଜ ସୁରକ୍ଷା ବଳୟ ସୃଷ୍ଟିରେ ବାଧା ଉପୁଜିଥିଲା। ଏନେଇ ରାଜନଗର ଏସିଏଫ୍ ଅଧୀର ବେହେରା, କୁଜଙ୍ଗ ରେଞ୍ଜ୍ ଅଫିସର ରଞ୍ଜନ ମିଶ୍ର, ନୂଆଗାଁ ବନପାଳ ଜ୍ଞାନ ପ୍ରକାଶ ମହାନ୍ତି, ବନ ରକ୍ଷୀ ନିରଞ୍ଜନ ମଣ୍ଡଳ, ସୁରେଶ ରାଉତ ଓ ନୂଆଗାଁ ରାଜସ୍ୱ ନିରୀକ୍ଷକ ପ୍ରମୁଖଙ୍କ ଉପସ୍ଥିତିରେ ୭ଟି ବେଆଇନ୍ ଚିଙ୍ଗୁଡି ଘେରି ଭଙ୍ଗାଯାଇଛି। ଉଚ୍ଛେଦ କାର୍ଯ୍ୟ ସରିଲା ପରେ ସେଠାରେ ହେନ୍ତାଳ ବନ ସୃଷ୍ଟି କରାଯାଇ ସାମୁଦ୍ରିକ ସୁରକ୍ଷା ବଳୟ ସୃଷ୍ଟି କରାଯିବ ବୋଲି ରେଞ୍ଜ୍ ଅଫିସର ମିଶ୍ର କହିଛନ୍ତି।

# ଜମି ବିବାଦରୁ ମାର୍‌ପିଟ, ୪ ଆହତ

**ରସୁଲପୁର,୫।୧୧(ଡି.ଏନ.ଏ.)**

କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତ ମାନପୁର ଗ୍ରାମରେ ଜମି ବିବାଦକୁ ନେଇ ୨ ପରିବାରରେ ମାରପିଟ ହୋଇଛି। ଏଥିରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ, ଏହି ଗ୍ରାମର ସାବିତ୍ରୀ ପଟ୍ଟନାୟକ ଓ ସତ୍ୟାନନ୍ଦ ପଟ୍ଟନାୟକ ପରିବାର ମଧ୍ୟରେ ଦୀର୍ଘବର୍ଷ ଧରି ଜମି ବିବାଦ ଲାଗି ରହିଛି। ଉକ୍ତ ମାମଲାକୁ ଆପୋସ ସମାଧାନ ପାଇଁ ପ୍ରଚେଷ୍ଟା କରାଯାଇ ବିଫଳ ହୋଇଛନ୍ତି ଉଭୟ ପକ୍ଷ। ତେବେ ଦୀପାବଳି ବାଣଫୁଟା ସମୟରେ ଉଭୟ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କମେଣ୍ଟ ମରାମରି ହୋଇଥିଲା। ପରେ ଏହି ଘଟଣା ଗଣ୍ଡଗୋଳ ରୂପ ଧାରଣ କରିଥିଲା। ଗଣ୍ଡଗୋଳରେ ସତ୍ୟାନନ୍ଦଙ୍କ ପରିବାର ପକ୍ଷରୁ ଦୀପକ ପଟ୍ଟନାୟକ ଓ ନୀଳମଣି ପଟ୍ଟନାୟକ ଆହତ ହୋଇଥିଲେ। ସେହିପରି ସାବିତ୍ରୀଙ୍କ ପରିବାର ପକ୍ଷରୁ ସାବିତ୍ରୀ ଓ ପାଣୁଆ ପଟ୍ଟନାୟକ ଆହତ ହୋଇଛନ୍ତି। ସତ୍ୟାନନ୍ଦଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୩୭୯/୨୧୦ ସାବିତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୩୮୦/୨୧ ରୁଜୁ କରିଛି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା

## ଗଣଧାରଣା ବନ୍ଦ କରିବାକୁ ପ୍ରଶାସନର ପଦକ୍ଷେପ

**ନାଉଗାଁ,୫।୧୧(ସ୍ୱ.ପ୍ର.)**

ନାଉଗାଁ ତହସିଲ ଅଧୀନ ଜାମୁଗାଁ ପଞ୍ଚାୟତରେ ଥିବା ସରକାରୀ ଜମି ଜବରଦଖଲକୁ ନେଇ ୨ ଗୋଷ୍ଠୀ ୫ ନଭେମ୍ବରରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ଏନେଇ ତହସିଲ କାର୍ଯ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଶୁକ୍ରବାର ୧୨ ଘଣ୍ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି ହୋଇଥିଲା।

ପଞ୍ଚାୟତର କିଛି ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ବେଆଇନଭାବେ ଘର ନିର୍ମାଣ କରୁଥିବା ନେଇ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାମାଜିକ କର୍ମୀ ଦିଲୀପ ପାଢୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ୫ ନଭେମ୍ବରରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ।

ସେହିପରି କଣ୍ଟୁଣିଆ ବଜାର ସୁରକ୍ଷା ମଞ୍ଚ ପକ୍ଷରୁ ଉକ୍ତ ଦିନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ଦାବିପତ୍ର ଦିଆଯାଇଥିଲା। କିଛି ବ୍ୟକ୍ତି କଣ୍ଟୁଣିଆ ହାଟକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଏନେଇ କାର୍ଯ୍ୟାନୁଷ୍ଠାନ ଦାବିକରି ଧାରଣା ଦେବାକୁ ସେମାନେ ଜଣାଇଥିଲେ। ୨ ଗୋଷ୍ଠୀ ଧାରଣା ଦେଲେ ଶାନ୍ତିଶୃଙ୍ଖଳା ଭାଙ୍ଗିବାର ଆଶଙ୍କା ଥିବାରୁ ତହସିଲଦାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଥିଲେ। ୨ ଗୋଷ୍ଠୀଙ୍କୁ ତହସିଲ କାର୍ଯ୍ୟାଳୟର ଉଭୟ ପାର୍ଶ୍ୱର ୨୦୦ ମିଟର ପରିଧି ମଧ୍ୟରେ ଧାରଣା ମଞ୍ଚ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ୩ ଦିନ ପରେ ଅନଶନ ସ୍ଥଗିତ

**ବୁଡ଼ି ଅଞ୍ଚଳ ଘୋଷଣା ଦାବି**

**ଏରସମା,୫।୧୧(ସ୍ୱ.ପ୍ର.)**

ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏରସମାକୁ ବୁଡ଼ି ଅଞ୍ଚଳ ଘୋଷଣା ଦାବିରେ ନଭେମ୍ବର ୨ରୁ ଆମରଣ ଅନଶନ ଚାଲିଛି। ଜିଲାପାଳ ଏନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଚିଠି ଲେଖିବା ପରେ ଗୁରୁବାର ଅନଶନକୁ ସ୍ଥଗିତ ରଖାଯାଇଛି। ଏସମ୍ପର୍କରେ ୩ ତାରିଖରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଓ ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଆନ୍ଦୋଳନ କରୁଥିବା ଚାଷୀଙ୍କ ସହ ଆଲୋଚନା କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଜିଲାପାଳ ଏହାକୁ ବିଚାରକୁ ନେଇ ଏରସମାକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ ପାଇଁ ରିଲିଫ କମିଶନରଙ୍କୁ ପତ୍ର ଲେଖିଥିଲେ। ଏହି ଆନ୍ଦୋଳନରେ ବାମପନ୍ଥୀ ନେତା ଅଭୟ ସାହୁ,ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଜପା ସରପଞ୍ଚ ତପନ ଗୋଛାୟତ,ପୀତାମ୍ବର ଦାସ,ବଂଶୀଧର ବେହେରା,ସମରେଶ ମୁଦୁଲି ଓ ଶରତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ବଢୁଛି

## ବିପକ୍ଷବାଦୀ ଓ ସପକ୍ଷବାଦୀଙ୍କ ଧାରଣା

**ରାଜନଗର, ୫।୧୧(ଡି.ଏନ.ଏ.)**

ସାତଭାୟାବାସୀଙ୍କ ଥଇଥାନସ୍ଥଳ ବଗ ପାଟିଆରେ ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ବଢିବାରେ ଲାଗିଛି। ଯେଉଁ ସ୍ଥାନରେ ମିଶନ ଶକ୍ତି ଗୃହ ନିର୍ମାଣ ହେଉଛି ତାହା ଉପଯୁକ୍ତ ସ୍ଥାନ ନୁହେଁ, ତେଣୁ ଗାଁର ମଧ୍ୟବର୍ତ୍ତୀ ସ୍ଥଳରେ ଏହାକୁ ନିର୍ମାଣ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀର କେତେଜଣ ସଦସ୍ୟା ଦାବି କରୁଛନ୍ତି। ଆଉ କେତେଜଣ ସଦସ୍ୟା ଯେଉଁ ସ୍ଥାନରେ ଏହା ନିର୍ମାଣ ହେଉଛି, ତାହା ଠିକ୍ ସ୍ଥାନ ଓ ସମସ୍ତଙ୍କ ମତାମତ ନିଆଯାଇ ଗୃହ ନିର୍ମାଣ ଆରମ୍ଭ ହୋଇଛି, ଏହାକୁ ପୂର୍ଣ୍ଣାଙ୍ଗ କରାଯାଉ ବୋଲି ଦାବି କରିଛନ୍ତି। ଶୁକ୍ରବାର ସାତଭାୟା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦିକା, ସଦସ୍ୟାମାନେ ରାଜନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାଙ୍କ ପ୍ରତିନିଧି, ପଞ୍ଚୁବରାହୀ କମିଟି ମାଧ୍ୟମରେ ସ୍ଥାନ ନିରୂପଣ କରାଯାଇ ମିଶନ ଶକ୍ତି ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେତେଜଣ ଲୋକ ଦଳୀୟ ଭାବେ ମହିଳାଙ୍କୁ ପ୍ରବର୍ତ୍ତାଇ ଏଭଳି ସମସ୍ୟା ସୃଷ୍ଟି କରୁଛନ୍ତି। ଏହି ଗୃହ ନିର୍ମାଣ ବନ୍ଦ କରିବାକୁ ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କିନ୍ତୁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚାହୁଁଛୁ ଯେ ଯେଉଁ ସ୍ଥାନରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଚାଲୁଅଛି, ତାହା ଉପଯୁକ୍ତ ସ୍ଥାନ। ସେହିଠାରେ ଗୃହ ପୂର୍ଣ୍ଣାଙ୍ଗ କରିବାକୁ ଅନୁମତି ଦିଆଯାଉ ବୋଲି ଜାନକୀ ମଳିକ, ସୁଷମା ବେହେରା, ସୁମତି ରାଉତ, ସବିତା ମୁଦୁଲି, କୈକେୟୀ ସେଠୀ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ମହିଳା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଭେଟି ଦାବି ଜଣାଇଛନ୍ତି।

# ଥାନା ସମ୍ମୁଖରେ ଭାଜପା କର୍ମୀଙ୍କ ବିକ୍ଷୋଭ

## ମମିତା ମେହେର ହତ୍ୟା ମାମଲା

**ଜଗତ୍‌ସିଂହପୁର ଅଫିସ, ୫।୧୧**

କଳାହାଣ୍ଡି ଜିଲା ମହାଲିଙ୍ଗ ସନସାଇନ୍ ମଡେଲ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ ଭାଜପା ଜିଲା ଶାଖା ପକ୍ଷରୁ ଜଗତ୍‌ସିଂହପୁର ଥାନା ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ସାରଦା ମଣ୍ଡପ ନିକଟରୁ ଶୋଭାଯାତ୍ରାରେ ବାହାରି ଜଗତ୍‌ସିଂହପୁର ଥାନାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ସହ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁଙ୍କୁ ମନ୍ତ୍ରୀ ମିଶ୍ରଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ଏହି ସମୟରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ ଓ ନଗର ସଭାପତି ଅକ୍ଷୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଲିକୁଦ ଥାନା ସମ୍ମୁଖରେ ମଧ୍ୟ ବିକ୍ଷୋଭ କରାଯାଇ ଘଟଣା ସିବିଆଇ ତଦନ୍ତ ଦାବି କରାଯିବା ସହ ମନ୍ତ୍ରୀ ମିଶ୍ରଙ୍କ ପଦରୁ ଇସ୍ତଫା ଦାବି କରାଯାଇଛି। ଡିଏସପି ରଶ୍ମିରଞ୍ଜନ ସାହୁଙ୍କୁ ଏତଲା ଦିଆଯାଇଛି। ଜିଲା ଉପସଭାପତି ମୋହିତ ମହାନ୍ତି, ବିନୋଦ ପରିଡ଼ା, କ୍ଷେତ୍ରମୋହନ ସାହୁ, ଦିଲୀପ ରାଉଳ ଏଥିରେ ସାମିଲ ହୋଇଥିଲେ।



ଭାଜପା ପକ୍ଷରୁ ଜଗତ୍‌ସିଂହପୁର ଥାନା ଆଗରେ ବିକ୍ଷୋଭ କରାଯାଉଛି।

# ଘର ନାହିଁ: ବିଦ୍ୟାଳୟରେ ରହୁଛନ୍ତି

**ଡେରାବିଶ, ୫।୧୧(ସ୍ୱ.ପ୍ର.)**


ପକ୍ଷାଘାତରେ ପୀଡ଼ିତା ପ୍ରମିଳା।


ବିଦ୍ୟାଳୟ ବାରଣ୍ଡାରେ ରୋଷେଇ ଚାଲିଛି।

କଚ୍ଚାଘର ଥିବା ପରିବାରକୁ ବାସଗୃହ ଯୋଜନାରେ ସାମିଲ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କରିଛନ୍ତି। ଅର୍ଥାଭାବରୁ ନିଜର ଘର ଖଣ୍ଡିଏ କରି ନ ପାରି ନିଜର ପରିବାରକୁ ଧରି ବିଦ୍ୟାଳୟ ଗୃହରେ ମୁଣ୍ଡ ଗୁଞ୍ଜିଛନ୍ତି ପରିବାରର ୪ ସଦସ୍ୟ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଭାଗବତପୁର ପଞ୍ଚାୟତ ମେଲକସାହି ଗାଁରେ। ଗାଁର ପଦ୍ମ ଚରଣ ରାଉତ ନିଜର ଘର ଖଣ୍ଡିଏ ନ ଥିବାରୁ ପକ୍ଷାଘାତରେ ପୀଡ଼ିତ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଧରି ମେଲକସାହି ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଆଶ୍ରୟ ନେଇଛନ୍ତି। ନିଜେ ଅସୁସ୍ଥ ଥିବାରୁ ପଦ୍ମଚରଣ କୌଣସି କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି। ପେଟକୁ ମୁଠାଏ ଦାନା ଓ ମୁଣ୍ଡ ଗୁଞ୍ଜିବାକୁ ବାସସ୍ଥାନ ଚିନ୍ତାରେ ଥିବା ପଦ୍ମଚରଣଙ୍କର ଦୁଃଖ ଏତିକିରେ ସରିନାହିଁ। ସ୍ତ୍ରୀ ପ୍ରମିଳା (୬୨) ଏହି ସମୟ ମଧ୍ୟରେ ଅର୍ଥାଭାବ ଚିନ୍ତାରେ ହଠାତ୍ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ। ପ୍ରମିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଭଳି ପରିସ୍ଥିତିରେ ନ ଥିବା ପଦ୍ମଚରଣଙ୍କ ପରିବାରରେ ୫ ଝିଅ। ବହୁ କଷ୍ଟରେ ତିନୋଟି ଝିଅଙ୍କୁ ବିବାହ ଦେଇଥିବା ବେଳେ ସାନ ଦୁଇ ଝିଅ ପ୍ରଣତି, ପ୍ରଗତି, ପଦ୍ମଚରଣ ଓ ପ୍ରମିଳାଙ୍କ ସାହାରା ପାଲଟିଛନ୍ତି। ବିଦ୍ୟାଳୟ ବାରଣ୍ଡାରେ ରୋଷେଇ କରିବା ସହ ବିଦ୍ୟାଳୟର ଏକ ଗୃହରେ ଅଚଳ ଅବସ୍ଥାରେ ଥିବା ପ୍ରମିଳାଙ୍କ ସେବା କରୁଛନ୍ତି ଏହି ଦୁଇ ଝିଅ। ଡାକ୍ତରଖାନାରେ ଯାଇ ଚିକିତ୍ସିତ ହେବାକୁ ଅର୍ଥ ବାଧକ ସାଜିଛି ବୋଲି ଝିଅ ପ୍ରଣତି କହିଛନ୍ତି। ଗୋଟିଏ ସ୍ଥାନରେ କେବଳ ଏକ ଚେୟାର ଉପରେ ବସି ରହିଛନ୍ତି ପ୍ରମିଳା। ସ୍ଥାନୀୟ ସରପଞ୍ଚ ଧରଣୀଧର ଦାସ ନିଜେ ବିଦ୍ୟାଳୟକୁ ଆସି ପଦ୍ମଚରଣଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଧରଣୀଧରଙ୍କ ସୂଚନା ଅନୁଯାୟୀ, ତହସିଲ କାର୍ଯ୍ୟାଳୟରୁ ଏହି ବିପନ୍ନ ପରିବାରଙ୍କୁ ପଲିଥିନ୍ ଯୋଗାଇ ଦିଆଯିବା ସହ ବ୍ଲକ ପ୍ରଶାସନ ପକ୍ଷରୁ ପଦ୍ମଚରଣଙ୍କୁ ତୁରନ୍ତ ବାସଗୃହ ଯୋଜନାରେ ସାମିଲ କରିବାକୁ ବିଡିଓଙ୍କୁ ଅନୁରୋଧ କରାଯାଇଛି। ତେବେ ବିଡିଓ ଅଶ୍ୱିନୀ କୁମାର ଦାସ କୁହନ୍ତି, ବାସଗୃହ ଯୋଜନାରେ ଥିବା ଯୋଗ୍ୟ ତାଲିକାରେ ପଦ୍ମଚରଣଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ସେ ନିଜେ ଘଟଣା ସ୍ଥଳକୁ ଯାଇ ପଦ୍ମଚରଣ ଓ ତାଙ୍କ ପରିବାରର ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏଥିସହ ଭାଙ୍ଗି ଯାଇଥିବା ଘରକୁ ମରାମତି କରିବା ପାଇଁ ପଦ୍ମଚରଣଙ୍କୁ ସହାୟତା କରିଥିବା ବିଡିଓ ଦାସ ସୂଚନା ଦେଇଛନ୍ତି। ତେବେ ନିଜ ପକ୍କା ଘର ଖଣ୍ଡିଏ କରି ସେହି ଛାତ ତଳେ ପରିବାର ସହ କେବେ ମୁଣ୍ଡ ଗୁଞ୍ଜିବେ ସେହି ଚିନ୍ତାରେ ପଦ୍ମଚରଣ ରହିଛନ୍ତି।

### ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ଡାକିଲା ଆଳି ବ୍ଲକ କଂଗ୍ରେସ



**ଆଳି,୫।୧୧(ଡି.ଏନ.ଏ.)**

ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଦିନକୁଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ହତ୍ୟା, ରାହାଜାନି, ବଳାତ୍କାର ଆଦି ବଢ଼ି ଚାଲିଛି। ଆଇନ ବ୍ୟବସ୍ଥା ଢିଲା କାରଣରୁ ଦୋଷୀଙ୍କୁ ଦଣ୍ଡ ମିଳୁନି। ରାଜ୍ୟରେ ବେବିନା, ସ୍ମିତାରାଣୀ, ପରୀ, ମମିତା ମେହେର ପରି ଅନେକ ନିରୀହ ମହିଳାଙ୍କୁ ହତ୍ୟା କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଦୋଷୀ ଚିହ୍ନଟ ହେଉଥିବା ସତ୍ତ୍ୱେ ଦଣ୍ଡ ମିଳୁନି। ଏହି ନିରୀହଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଗୁରୁବାର ସନ୍ଧ୍ୟାରେ ଦୀପାବଳି ଅବସରରେ ଆଳି ବ୍ଲକ କଂଗ୍ରେସ ପକ୍ଷରୁ ନିଆରା ଢଙ୍ଗରେ ପ୍ରତିବାଦ କରାଯାଇଛି। ପୀଡିତାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ବଡବଡୁଆ ଡାକିଥିଲେ। ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ଉପରେ ଏକତ୍ରିତ ହୋଇ ବିଜେଡି ସରକାର ବିରୋଧରେ ନାରାବାଜି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ନଭେମ୍ବର, ୨୦୨୧



## ସଂକ୍ଷେପରେ

### ୨ବର୍ଷ ପରେ ପୂରଣ ହେଲା ଉପନିବନ୍ଧକ ପଦବୀ

**ଖଣ୍ଡପଡ଼ା, ୫।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନୂତନ ଉପନିବନ୍ଧକ ଭାବେ ସନ୍ତୋଷ କୁମାର ଦଳବେହେରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦୀର୍ଘ ୨ ବର୍ଷ ଧରି ଏହି ପଦବୀଟି ଖାଲି ପଡିଥିଲା। ଫଳରେ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖା ଦେବା ସହ ବିଭିନ୍ନ ସମୟରେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖିନ ହେଉଥିଲେ। ବିଭାଗୀୟ କର୍ମଚାରୀ ଓ ମୋହରିର ସଂଘର ସମସ୍ତ ସଦସ୍ୟ ନୂତନ ଅଧିକାରୀଙ୍କ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ କରିଥିଲେ।

### ସିବିଆଇ ତଦନ୍ତ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

#### ଅଧକ୍ଷା ମମିତା ମେହେର ହତ୍ୟା ଘଟଣା

**ନୟାଗଡ଼ ଅଫିସ,୫।୧୧:** ମହାଲିଙ୍ଗ କଲେଜ ପରିସରରେ ଥିବା ବିଦ୍ୟାଳୟର ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ସବିଆଇ ତଦନ୍ତ, ଗୃହମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ସହ ତାଙ୍କ ବିରୋଧରେ ୩୦୨, ୧୨୦(ବି)ରେ ମାମଲା ରୁଜୁ କରିବାକୁ ଦାବି ଉଠିଛି। ଏ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ତହସିଲଦାରଙ୍କୁ ସ୍ମାରକପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଜରିଆରେ ଏହା ରାଜ୍ୟପାଳଙ୍କ ପାଖକୁ ପଠାଯିବ ବୋଲି ବିକାଶ ପରିଷଦ ପକ୍ଷରୁ ଜିଲା ସଭାପତି ତ୍ରିନାଥ ନାୟକ କହିଛନ୍ତି।

### ଓଡ଼ଗାଁ ତହସିଲରେ ୪ ଆର୍‌ଆଇ ସର୍କଲ ଅନ୍ତର୍ଭୁକ୍ତ

**ଓଡ଼ଗାଁ, ୫।୧୧ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ତହସିଲରେ ଅତିରିକ୍ତ ୪ ଆରଆଇ ସର୍କଲ ଅନଲାଇନ ଅନ୍ତର୍ଭୁକ୍ତ ହୋଇଥିବା ଜଣାଯାଇଛି। ପୂର୍ବରୁ ଏହି ତହସିଲ ଅଧୀନରେ ୯ ଆରଆଇ ସର୍କଲ ରହିଥିବା ବେଳେ ଏହା ୧୩ ରେ ପହଞ୍ଚିଛି। ପନ୍ତିଖାରୀ, କୁରାଳ, ସରଧାପୁର ଓ କାଜଳାଇ ପଲି ୪ ନୂତନ ଆରଆଇ ସର୍କଲ କାର୍ଯ୍ୟକ୍ଷମ ହୋଇଥିବା ତହସିଲଦାର ବିଜୟିତା ସାମନ୍ତସିଂହାର ସୂଚନା ଦେଇଛନ୍ତି। ହେଲେ ଏସବୁ ସର୍କଲ ପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ହୋଇ ନ ଥିବା ଜଣାଯାଇଛି।

### ୨୦ ବର୍ଷରେ ଗୋଡ଼ିପଡ଼ା କାଳୀପୂଜା

**ନୟାଗଡ ଅଫିସ,୫।୧୧:** ୨୦ ବର୍ଷରେ ପହଞ୍ଚିଛି ଗୋଡିପଡା କାଳୀ ପୂଜା।



ଗୋଡିପଡା ବଜାରର ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ପ୍ରତିବର୍ଷ କାଳୀ ପୂଜା ଅନୁଷ୍ଠିତ ହୋଇଆସୁଛି। ତେବେ କରୋନା କଟକଣା ଯୋଗୁ କେବଳ ପୂଜା ବ୍ୟତୀ ତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉନି ବୋଲି ପୂଜା କମିଟି ପକ୍ଷରୁ ପିଲୁ ଦାଶ ଓ ଜ୍ଞାନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ୫ ବର୍ଷ ହେଲା ନିର୍ମାଣ ଶ୍ରମିକ ପଞ୍ଜୀକରଣରୁ ବାଦ୍‌

**ନୟାଗଡ଼ ଅଫିସ,୫।୧୧**

ନୟାଗଡ ଜିଲାରେ ନିର୍ମାଣ ଶ୍ରମିକଙ୍କ ପାଇଁ ମିଳୁଥିବା ସରକାରୀ ସହାୟତା, ସେମାନଙ୍କ ପିଲାଙ୍କ ପାଇଁ ଶିକ୍ଷା ଓ ବିବାହ ସହାୟତା ବନ୍ଦ ହୋଇଯାଇଛି। ୨୦୧୭ରୁ ୫ବର୍ଷ ହେଲା ପଞ୍ଜୀକରଣ କରାଯାଉନି। ୨୦୧୭ରେ ନୂଆଗାଁ ଓ ଦଶପଲ୍ଲା ବ୍ଲକରେ କେବଳ ୨ଟି କ୍ୟାମ୍ପ କରାଯାଇ ୭୦୦ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଜିଲାର ଅନ୍ୟ ୬ ବ୍ଲକ ପାଇଁ ପରିଚୟ ପତ୍ର ବଣ୍ଟନ ପାଇଁ କ୍ୟାମ୍ପର ତାରିଖ ଘୋଷଣା କରି ଥିଲେ। ତେବେ କ୍ୟାମ୍ପ କରା ନ ଯିବାରୁ ୨୪ ହଜାର ୩ ଶହ ହିତାଧିକାରୀ ପରିଚୟ ପତ୍ର ପାଇ ପାରିନାହାନ୍ତି। ନୟାଗଡ଼ରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପଦବୀରେ ଜଣେ ସ୍ଥାୟୀ ଅଫିସରଙ୍କ ନିଯୁକ୍ତି ଦିଆ ଯାଉ ନ ଥିବାବେଳେ ଦାୟିତ୍ୱରେ ଥିବା ଜିଲା ଶ୍ରମ ଅଧିକାରୀ ନିର୍ମାଣ ଶ୍ରମିକଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥଳେ ସରକାରୀ ସହାୟତା ନ ପାଇ ଜିଲାର ନିର୍ମାଣ ଶ୍ରମିକମାନେ ହଇରାଣ ହେଉଛନ୍ତି ।

ନୟାଗଡ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ୨୦୧୭ ମସିହାରେ ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ପାଇଁ କ୍ୟାମ୍ପ କରାଯାଇଥିଲା। ଏହି କ୍ୟାମ୍ପରେ ୨୫ ହଜାର ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବାକୁ ଆବେଦନ କରିଥିଲେ। ତେବେ ନୟାଗଡ଼ ସମେତ ଅନ୍ୟ ସହରାଞ୍ଚଳରେ କ୍ୟାମ୍ପ କରାଯିବାକୁ ତାରିଖ ଘୋଷଣା ହୋଇଥିଲା। କିନ୍ତୁ କ୍ୟାମ୍ପ କରା ନ ଯିବାରୁ ସହରାଞ୍ଚଳଗୁଡିକରୁ ନିର୍ମାଣ ଶ୍ରମିକମାନେ ଆବେଦନ କରି ପାରିନାହାନ୍ତି। ୨୫ ହଜାର ଆବେଦନକାରୀଙ୍କ ମଧ୍ୟରୁ ନୂଆଗାଁ ବ୍ଲକରେ ୫୦୦ ଓ ଦଶପଲ୍ଲା ବ୍ଲକରେ ୨୦୦ ଏପରି ମୋଟ ୭୦୦ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟ ୬ଟି ବ୍ଲକ ନୟାଗଡ଼, ରଣପୁର, ଭାପୁର, ଖଣ୍ଡପଡ଼ା, ଗଣିଆ, ଓଡଗାଁରେ ଯାଞ୍ଚ ପରେ କ୍ୟାମ୍ପ କରାଯାଇ ପରିଚୟପତ୍ର ଦିଆ ନ ଯିବାର କାରଣ ପଚାରିଲେ ୫ ବର୍ଷ ହେଲା ଉତ୍ତର ମିଳୁନି। ୩୧।୮।୨୦୧୮ରେ ସେଲଟ୍ୟାକ୍ସ ବିଭାଗ ଦେଇଥିବା କ୍ଲିଓରାନ୍ସ ଅନୁସାରେ ସହାୟତା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ଏହାକୁ ବି ଅଣଦେଖା କରାଯାଇଛି। ପୁଣି ୨୦୧୬-୧୭ରୁ ବିବାହ ଓ ଶିକ୍ଷା ସହାୟତା ଦିଆଯାଉନାହିଁ। ନିର୍ମାଣ ଶ୍ରମିକଙ୍କୁ ପକ୍କାଘର ଯୋଜନାରେ ଗୃହ ଦିଆଯାଉନାହିଁ। ଅନ୍ୟ ଯୋଜନାରେ ସେମାନେ ଉପେକ୍ଷିତ ହୋଇ ରହିଛନ୍ତି। ତଦନ୍ତ କରି ପଦକ୍ଷେପ ନିଆଯାଉ ନ ଥିବାରୁ ସରକାରୀ ସହାୟତା ନିର୍ମାଣ ଶ୍ରମିକମାନେ ପାଉନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ଜିଲାରେ ୫୪,୭୮୭ ନିମାଣ ଶ୍ରମିକ ପରିଚୟ ପତ୍ର ପାଇଛନ୍ତି। ଏମାନଙ୍କ ମଧ୍ୟରୁ ୪୨ ହଜାର ସରକାରୀ ସୁବିଧା ନେବା ପାଇଁ ଯୋଗ୍ୟ ଅଛନ୍ତି। କରୋନା ସହାୟତା ୧୫୦୦ ଲେଖାଏଁ ୩୦ ହଜାର ନିର୍ମାଣ ଶ୍ରମିକ ପାଇ ସାରିଥିବାବେଳେ ଅନ୍ୟମାନେ ପାଇନାହାନ୍ତି। ଅପରପକ୍ଷେ ୨୦୧୭ରୁ ୨୪,୩୦୦ ନିର୍ମାଣ ଶ୍ରମକିଙ୍କୁ ଅଣଦେଖା କରାଯାଉଛି। ଏହି ଶ୍ରମିକମାନଙ୍କୁ ପରିଚୟ ପତ୍ର ଦେବା ପାଇଁ ୩ ବର୍ଷରେ ଲଣ୍ଠନ ଧରି ଆନ୍ଦୋଳନ, ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଥର ଧାରଣା ଦିଆ ସରାଲଣି। ହେଲେ ପ୍ରତିଶ୍ରୁତି ଦେଇ ପ୍ରତାରଣା ଚାଲିଛି। ସେହିପରି ଆନ୍ଦୋଳନ ହେବା ଦିନ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ ଆସୁନାହାନ୍ତି। ସରକାରୀ କାର୍ଯ୍ୟ ଦିବସରେ ଉଭୟ ଅଧିକାରୀ ଅଧିକାଂଶ ଦିନ ଅନୁପସ୍ଥିତ ରହୁଛନ୍ତି। ଏଣୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ନିର୍ମାଣ ଶ୍ରମିକ ଅଭାବ ଅସୁବିଧା ଉପସ୍ଥାପନ କରି ପାରୁନାହାନ୍ତି। ପ୍ରଭାଗୀୟ ଶ୍ରମ ଆୟୁକ୍ତି ଦୁଇ ଜିଲାର ଦାୟିତ୍ୱରେ ଥିବାରୁ ନୟାଗଡ଼ ନିର୍ମାଣ ଶ୍ରମିକ ଉପେକ୍ଷିତ ହୋଇରହିଛନ୍ତି। ଏ ସମ୍ପର୍କରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶିବ ମିଶ୍ରଙ୍କୁ ପଚାରିବାରେ ପୁରୀ ଜିଲା ସହ ନୟାଗଡ ଜିଲାର ଅତିରିକ୍ତ ଦାୟିତ୍ୱ ଅଳ୍ପଦିନ ହେଲା ମିଳିଛି। ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବି। କାର୍ଯ୍ୟରେ ଦ୍ୱରିତ ଆଣିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ କୁହାଯାଇଛି ବୋଲି କହିଥିଲେ। ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ର କୁହନ୍ତି, ୩ ମାସ ହେଲା କାମରେ ଯୋଗ ଦେଇଛି। ଅନଧାନ ପରେ ଜାଣଇ ପାରିଛି ୫ ବର୍ଷରେ ୨୦ ହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କ ପରିଚୟ ପତ୍ର ବଣ୍ଟନ କରାଯାଇନାହିଁ। ଏ ନେଇ ସମୀକ୍ଷା ଓ ସର୍ଭେ ପରେ ୨୧ ହଜାର ନିର୍ମାଣ ଶ୍ରମିକଙ୍କ ଡାଡ ବେଶ ପ୍ରସ୍ତୁତ କରାଯାଇଛି। ଖୁବ୍ ଶୀଘ୍ର ସେମାନଙ୍କ ପରଚୟ ପତ୍ର ବଣ୍ଟନ କରାଯିବ।




୨୦୧୭ ମସିହାରେ ତାରିଖ ଘୋଷଣା ପରେ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଦିଆଯାଇନାହିଁ।

# ଦିନରେ ଲଣ୍ଠନ ଜାଳି ଧାରଣା

**ନୟାଗଡ଼ ଅଫିସ, ୫।୧୧**

ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀଙ୍କ ଦାୟିତ୍ୱହୀନତା କାର୍ଯ୍ୟର ପ୍ରତିବାଦ କରି ନୟାଗଡ଼ ଜିଲା ଶ୍ରମିକ ମହାସଂଘ ଓ କଳିଙ୍ଗ ନିର୍ମାଣ ମଞ୍ଚ ପକ୍ଷରୁ ଶୁକ୍ରବାର ଦିନରେ ଲଣ୍ଠନ ଜାଳି ଧାରଣା ଦିଆଯାଇଛି। ଆନ୍ଦୋଳନରତ ନିର୍ମାଣ ଶ୍ରମିକମାନେ ଜିଲା ସଦର ମହକୁମାରେ ଶୋଭାଯାତ୍ରା କରି ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ୭ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। ତେବେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ନିର୍ମାଣ ଶ୍ରମିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲା ସଭାପତି ଶୂନ୍ୟଜୟୀ ମିଶ୍ର, ରମେଶ ବେହେରା, ଭଗବାନ ବେହେରା, ସନ୍ତୋଷ ସେଠୀ, ମଦନ ମୁଦୁଲିଙ୍କ ନେତୃତ୍ୱରେ ସହକାରୀ ଶ୍ରମ ଅଧିକାରୀ ଲୋକନାଥ ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।




ନିର୍ମାଣ ଶ୍ରମିକମାନଙ୍କ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଦିନରେ ପାତିମାଙ୍କଡ଼, ରାତିରେ ହାତୀଙ୍କ ଉତ୍ପାତ

**ନୟାଗଡ଼ ଅଫିସ, ୫।୧୧**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ବିଭିନ୍ନ ଅଞ୍ଚଳରେ ଦିନରେ ପାତିମାଙ୍କଡ଼ ଓ ରାତିରେ ହାତୀ ଉତ୍ପାତ ଲାଗି ରହିଛି। ପାତିମାଙ୍କଡ଼ ଓ ହାତ ପନିପରିବା ସହ ଧାନ ଫସଲକୁ ଖାଇବା ସହ ନଷ୍ଟ କରି ଚାଲିଛନ୍ତି। ରଣପୁର ଅଞ୍ଚଳର ନାଟିମ୍, କେରେଣ୍ଡାଟାଙ୍ଗୀ, ମୟୁରଝାଲିଆ, ନାକିଠଣା, ବାରଙ୍ଗଗାଡିଆ, ଝାରପଡ଼ା, ହରିହରପୁର, ଓସ୍ତପଡ଼ା, ଜଙ୍କିଆ, ଗୌରଚନ୍ଦ୍ରପୁର ଗହିରିଆ ଅଞ୍ଚଳରେ ଏଦି ଦୁଇ ପ୍ରାଣୀଙ୍କ ଉତ୍ପାତରେ ଚାଷୀ ଭୟଭୀତ ହୋଇ ପଡ଼ିଛନ୍ତି। ଚାଷୀ ଫସଲକୁ ସୁରକ୍ଷା କରି ନପାରି ଭଗବାନଙ୍କ ଉପରେ ଛାଡ଼ି ଦେଇଛନ୍ତି। ଏ ନେଇ ନାଟିମ୍‌ର ଚାଷୀ ବିଭୂତି ସାହୁ କୁହନ୍ତି, ପାତିମାଙ୍କଡ଼ ଓ ହାତୀଙ୍କ ଦାଉରୁ ରକ୍ଷା ମିଳୁନି। କ୍ଷତି ହେଉଥିଲେ ମଧ୍ୟ ବିକଳ୍ପ ନ ଥିବାରୁ ଚାଷ ଛାଡ଼ି ପାରୁନି। କିଛି ଚାଷୀ ଜମି ପଡ଼ିଆ ପକାଇ ସାରିଲେଣି । ସରକାରୀ ସହାୟତା ସବୁ ଚାଷୀ ପାଇ ପାରୁ ନାହାନ୍ତି। ଯେଉଁମାନେ ପାଉଛନ୍ତି ସେମାନଙ୍କର କ୍ଷତି ଭରଣା ହୋଇପାରୁନି ବୋଲି କହିଛନ୍ତି ।

# ବେଆଇନ ବାଣ ବିକ୍ରି ଅଭିଯୋଗରେ ୫ ଗିରଫ

**ନୟାଗଡ଼ ଅଫିସ,୫।୧୧**

ନୟାଗଡ଼ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଦୀପାବଳିରେ ବେଆଇନ ବାଣ ବିକ୍ରି ଅଭିଯୋଗରେ ୫ ଜଣ ଗିରଫ ହୋଇ ପିଆର ବଣ୍ଡରେ ଜାମିନ ପାଇଛନ୍ତି। ଶରଣକୁଳ ଥାନା ପୋଲିସ ୨ଟି ମାମଲାରେ ୩ଜଣଙ୍କୁ ଗିରଫ କରିଥିବାବେଳେ ନୟାଗଡ଼ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଥିଲା। ଦୀପାବଳିରେ ସବୁଜ ବାଣ ଫୁଟାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ଆଦେଶକୁ ଅଣଦେଖା କରି ବଜାରରେ ବେଆଇନ ଭାବେ ବାଣ ବିକ୍ରି ହେଉଥିଲା। ଲୋକେ ସବୁଜ ବାଣ ନାଁରେ ସାଧାରଣ ବାଣ କିଣୁଥିଲେ। ପ୍ରକାଶ ଯେ, ଦୀପାବଳିରେ ସବୁଜ ବାଣ ଫୁଟାଇବାକୁ ହାଇକୋର୍ଟ ଅନୁମତି ଦେଇଥିଲେ। ଦୀପାବଳିର ରାତି ୮ରୁ ୧୦ପର୍ଯ୍ୟନ୍ତ ବାଣ ଫୁଟିବ ବୋଲି କୁହାଯାଇଥିଲା। ତେବେ ଗାଁ ଓ ସହରରେ ରାତିତମାମ ବାଣ ଫୁଟା ଯାଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ଥାନା ପକ୍ଷରୁ ପୋଲିସ ଡାକବାଜି ଯନ୍ତ୍ର ଯୋଗେ ବାଣ ଫୁଟାଇବା ସମ୍ପର୍କରେ କରୋନା କଟକଣା ନେଇ ସଚେତନତା କାମ କରିନି ବୋଲି ସାଧରଣରେ କୁହାଯାଇଛି।

# କମେଣ୍ଟ ମରାକୁ ନେଇ ୩ ଗାଁରେ ଉତ୍ତେଜନା

## ଅଭିଭାବକ ଯୁବକଙ୍କୁ ଅଟକ ରଖିଲେ

**ନୟାଗଡ଼ ଅଫିସ,୫।୧୧**

କମେଣ୍ଟ ମରାକୁ ନେଇ ରଣପୁର ଥାନାର ରଙ୍କଦେଉଳି, ଶରଣକୁଳ ଥାନାର ପଞ୍ଚରିଡା ଓ ବଧିସାହିରେ ଶୁକ୍ରବାର ରାତିରେ ଉତ୍ତେଜନା ଦେଖାଦେଇଛି। ତେବେ ଖଳିପାଟଣା ଓ ବାଦଭୁଇଁ ରାସ୍ତାରେ କମେଣ୍ଟ କରୁଥିବା ବେଳେ ଡମସାହିର ସନ୍ତୋଷ ମହାରଣା(୩୮)ଙ୍କୁ କେତେଜଣ ଅଭିଭାବକ କାବୁ କରି ନେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଖଳିପାଟଣା, ବାଦଭୁଇଁ ଓ ରଙ୍କଦେଉଳି ଅଞ୍ଚଳର ଛାତ୍ରୀମାନେ ଡମସାହିକୁ ଟିଉସନ ହେବାକୁ ଆସନ୍ତି। ଏହି ସମୟରେ ପ୍ରାୟ ୧୫ ଦିନ ହେବ ଡମସାହିର ସନ୍ତୋଷ ଛାତ୍ରୀମାନଙ୍କୁ କମେଣ୍ଟ ମାରୁଥିଲେ। କମେଣ୍ଟ ମାରିବା ବେଳେ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଦେଖାଇବା ସହ ରାସ୍ତାରେ ଠିଆ ହୋଇପଡନ୍ତି। ଛାତ୍ରୀମାନେ ଘଟଣା ସମ୍ପର୍କରେ ଘରେ ଜଣାଉଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ କେତେଜଣ ଅଭିଭାବକ ମିଳିତ ହୋଇ ଅଭିଯୁକ୍ତଙ୍କୁ ଧରବାକୁ ପ୍ରାୟସ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଯୁବକ କମେଣ୍ଟ ମାରିବା ପରେ ଅଭିଭାବକମାନେ କାବୁ କରି ନେଇଥିଲେ। ଏ ନେଇ ଖଳିପାଟଣା ଓ ବାଦଭୁଇଁ ଅଞ୍ଚଳରେ ସଭା ବସି ବିଚାର ଚାଲିଛି। ଅନ୍ୟପକ୍ଷେ ଶରଣକୁଳ ଥାନାର ପଞ୍ଚରିଡା ଓ ବଧିସାହିରେ ଛାତ୍ରୀଙ୍କୁ କମେଣ୍ଟ ମାରିବାକୁ ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ୧୨ଫୁଟ ଲମ୍ବର ଅହିରାଜ ଧରାପଡ଼ିଲା

**ଦଶପଲ୍ଲା, ୫।୧୧ (ଡି.ଏନ.ଏ.)**

ଦଶପଲ୍ଲା ଏନ୍‌ଏସି ମହୁଲିଆ ଗାଁର ଏକ ସାହିକୁ କୁକୁଡ଼ା ଏବଂ ଛେଳି ଖାଇବା ଆଶାରେ ୨ ଦିନ ହେବ ଗୋଟିଏ ଅହିରାଜ ସାପ ଯିବା ଆସିବା କରୁଥିଲା।



ଲୋକମାନେ ଭୟରେ ବାରିପଟ କବାଟ ବନ୍ଦ କରି ଦିନ ସାରା ରହିବା ସହ କିଛି କରିପାରୁ ନ ଥିଲେ। ଶୁକ୍ରବାର ଦଶପଲ୍ଲା ନାହାକପଡାର ସାପ ଧରାଳି କୃଷ୍ଣଚନ୍ଦ୍ର ସେଠୀଙ୍କୁ ଖବର ଦେବାରୁ ସେ ଆସି ସାପଟିକୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଅହିରାଜ ସାପଟି ପ୍ରାୟ ୧୨ ଫୁଟରୁ ଅଧିକ ଲମ୍ବ ହେବ ବୋଲି କୃଷ୍ଣ କହିଛନ୍ତି। ସେ ଗୋଟିଏ ଅଖାରେ ସାପକୁ ପୂରାଇ ରେଞ୍ଜ ଅଫିସର ନିଖିଳେଶ ମଲ୍ଲିକଙ୍କୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ତାକୁ ନେଇ ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିବା ଜଣାଯାଇଛି। ତେବେ ସାପ ଧରାଳି କୃଷ୍ଣ କହନ୍ତି, ମୁଁ ୩ ହଜାରରୁ ଉର୍ଦ୍ଧ୍ୱ ସାପ ଧରି ବହୁଧନ ଜୀବନ ବଞ୍ଚେଇବାରେ ସାହାଯ୍ୟ କରିଥିଲେ ହେଁ ଏ ପର୍ଯ୍ୟନ୍ତ ମୋତେ ସରକାରଙ୍କଠାରୁ କିମ୍ବା ବନ ବିଭାଗ ପକ୍ଷରୁ ସାପ ଧରାଳି ଭାବେ ସ୍ୱୀକୃତିଟିଏ ମିଳିନାହିଁ। ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବା ଦୂରର କଥା। ସରକାରଙ୍କ ପକ୍ଷରୁ ତୁରନ୍ତ ସାପ ଧରାଳିର ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

### ସାନଭାଇର ବୋମାମାଡ଼ରେ ବଡଭାଇ ଗୁରୁତର

**ନୟାଗଡ ଅଫିସ/ଓଡଗାଁ, ୫।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡଗାଁ ଥାନା ବାହାଡାଝୋଲା ଫାଣ୍ଡି ମାଣିକାପାଟଣା ଛକରେ ଶୁକ୍ରବାର ସନ୍ଧ୍ୟାରେ ବୋମାମଡ ହୋଇଛି। ସାନଭାଇର ବୋମାମାଡରେ ବଡଭାଇ ପ୍ରଦୀପ ନାୟକ ଓରଫ ପିଙ୍କୁ (୩୩) ଆହତ ହୋଇଛନ୍ତ। ପିଙ୍କୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଓଡଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ପିଙ୍କୁଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ବାହାଡାଝୋଲା ଫାଣ୍ଡି ନିକଟସ୍ଥ ଦଳିତସାହିର ପିଙ୍କୁଙ୍କ ସହ ସାନଭାଇ ଦିଲୀପ(୨୭)ଙ୍କର ଶୁକ୍ରବାର ବିବାଦ ହୋଇଥିଲା। ପିଙ୍କୁ ଉପରେ ରାଗି ସାନଭାଇ ଦିଲୀପ ତାଙ୍କ ଉପରକୁ ସନ୍ଧ୍ୟା ସାଢ଼େ ୭ଟାରେ ବୋମା ଫୋପାଡି ଥିଲେ। ଖବରପାଇ ପୋଲିସ ପିଙ୍କୁଙ୍କୁ ଓଡଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡା.ନିରଞ୍ଜନ ଦାସଙ୍କ ସୂଚନା ଅନୁସାରେ ପିଙ୍କୁଙ୍କ ଦେହରୁ ବାରୁଦ ଗନ୍ଧ ବାହାରୁଛି। ତାଙ୍କ ପିଠାରେ ଗଭୀର କ୍ଷତ ହୋଇଛି।

### ଗ୍ରାମୀଣ ସଂସ୍କୃତି ମହୋତ୍ସବ, ଗିରିଗୋବର୍ଦ୍ଧନ ପୂଜା

**ଖଣ୍ଡପଡ଼ା, ୫।୧୧ (ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ପଥରଦ୍ୱାର ଗାଁ ଗୁରୁବାରଠାରୁ ମା’ ପୂର୍ଣ୍ଣବାସୀଙ୍କ ପୀଠରେ ପାରମ୍ପରିକ ରୀତିରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗାଁରେ ଥିବା ମା’ ପୂର୍ଣ୍ଣବାସୀ ଯୁବ କ୍ଲବ ଓ ଗ୍ରାମବାସୀଙ୍କ ସହଯୋଗରେ ୨୧ ବର୍ଷ ଧରି ପୂଜା ଚାଲି ଆସୁଛି। ମନ୍ଦିର ପୂଜକଙ୍କ ସୂଚନାକ୍ରମେ, ଭାଲୁଖାଇ ମୁଣ୍ଡିଆ ଉପରେ ମା’ ପୂର୍ଣ୍ଣବାସୀ ଦେବୀଙ୍କ ଆସ୍ଥାନ ରହିଥିବାରୁ ଗିରିଗୋବର୍ଦ୍ଧନ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଇ ପ୍ରତ୍ୟେକଙ୍କ ଦୁଆରରେ ଠାକୁରଙ୍କୁ ଭୋଗ ଲାଗି ପରେ ପାହାଡ ଉପରକୁ ବିଜେ କରାଯାଇଥାଏ। ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାଛଡା ଭାପୁର ବ୍ଲକ ଅନ୍ତର୍ଗତ ଧାନଚେଙ୍ଗଡା ପଞ୍ଚାୟତର ଭୋଗଡା ଗ୍ରାମ କମିଟି ଆନୁକୂଲ୍ୟରେ ଗିରିଗୋବର୍ଦ୍ଧନ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୋଗଡା ଗ୍ରାମ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ଲଉଡି ଖେଳ, ନନ୍ଦ ରାଜାଙ୍କ ସହ କୃଷ୍ଣ ବଳରାମ ଓ ଗୋପ ଗୋପାଙ୍ଗନାମାନଙ୍କ ସହ ମିଶି ଗ୍ରାମ ପରିକ୍ରମା କରିବାର ଦୃଶ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ପାହାଡ ଉପରେ ଥିବା ଗିରିଗୋବର୍ଦ୍ଧନ ପୂଜା ସ୍ଥଳରେ ମହିଳା ମଣ୍ଡଳ ପକ୍ଷରୁ ନାମ ସଂକୀର୍ତ୍ତନ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ମାଗଣା ରକ୍ତ, ମଳମୂତ୍ର ପରୀକ୍ଷାଗାର ଉଦ୍‌ଘାଟିତ

**ଖଣ୍ଡପଡ଼ା,୫।୧୧(ସ୍ୱ.ପ୍ର.)**

ଦୀର୍ଘବର୍ଷ ପରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ମାଗଣା ରକ୍ତ, ମଳମୂତ୍ର ପରୀକ୍ଷାଗାର ଉଦ୍‌ଘାଟିତ ହୋଇଯାଇଛି। ଏଣିକି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ମାଗଣାରେ ରକ୍ତ, ମଳମୂତ୍ର ପରୀକ୍ଷା କରିପାରିବେ ବୋଲି ଫାମାସିଷ୍ଟ ମାନସ କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଆଗାମୀ ଦିନରେ କେତେକ ନୂଆ ଯନ୍ତ୍ରପାତି ରୋଗୀଙ୍କ ସ୍ୱାସ୍ଥ୍ୟସେବା ଲକ୍ଷ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।




କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର।

# ବଚସାରୁ ଅସବର୍ଣ୍ଣ-ସବର୍ଣ୍ଣ ଗଣ୍ଡଗୋଳ



ଗଣ୍ଡଗୋଳରେ ଭଙ୍ଗା ଯାଇଥିବା ଅଟୋ ଓ ବାଇକ୍।



ଆହତ ବ୍ୟକ୍ତିମାନେ।

## ୮ରୁ ଉର୍ଦ୍ଧ୍ୱ ଆହତ, ଅଟୋ, ବାଇକ୍ ଭଙ୍ଗାରୁଜା

**ଖଣ୍ଡପଡା,୫।୧୧ (ସ୍ୱ.ପ୍ର)**

ନୟାଗଡ଼ ଜିଲା ଖଣ୍ଡପଡା ଥାନା ଶିଖରପୁର ପଞ୍ଚାୟତ ବରପଲ୍ଲୀ ହରିଜନ ସାହି ସମ୍ମୁଖରେ ଥିବା ଏକ ତେଜରାତି ଦୋକାନରେ ଗୁରୁବାର ସନ୍ଧ୍ୟାରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ସବର୍ଣ୍ଣ ଓ ଅସବର୍ଣ୍ଣ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ଗଣ୍ଡଗୋଳରେ ୮ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୨ ଅଟୋ ଓ ବାଇକ୍ ଭଙ୍ଗାରୁଜା କରାଯାଇଛି।

ଅଭିଯୋଗକ୍ରମେ ବରପଲ୍ଲୀ ହରିଜନ ସାହିର ସୋମନାଥ ନାଏକ(୨୦) ତେଜରାତି ଜିନିଷ କିଣିବାକୁ ଦୋକାନକୁ ଆସିଥିଲେ। ସେଠାରେ ଉପସ୍ଥିତ ଥିବା କଇଁଥପଲ୍ଲୀ ଗାଁ କେତେଜଣ ଯୁବକ ସୋମନାଥଙ୍କୁ ଏଣୁତେଣୁ ପ୍ରଶ୍ନ ପଚାରି ହରିଜନ ପିଲା ବୋଲି କହି, ମାରଧର କରିଥିଲେ। ଖବରପାଇ ହରିଜନ ସାହିର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ଯିବାରୁ କଇଁଥପଲ୍ଲୀ ଗାଁର ଯୁବକମାନେ ସେଠାରୁ ଗାଁକୁ ପଳାଇ ଯାଇଥିଲେ। ମାତ୍ର କିଛି ସମୟ ପରେ କଇଁଥପଲ୍ଲୀ ଗାଁର ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଠେଙ୍ଗା ବାଡି ଧରି ବରପଲ୍ଲୀ ଗ୍ରାମ ହରିଜନ ସାହିରେ ପ୍ରବେଶ କରି ବାସିନ୍ଦାଙ୍କୁ ନିସ୍ତୁକ ମାଡ ମାରିବା ସହ ଘରେ ପଶି ଆସବାବପତ୍ର ଭଙ୍ଗାରୁଜା କରଥିବା ଅଭିଯୋଗ ହୋଇଛି। ଗାଁ ଦାଣ୍ଡରେ ଥିବା ୨ଟି ଅଟୋ ଓ ବାଇକ୍‌କୁ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଥିଲେ। ମରଣାନ୍ତକ ଆକ୍ରମଣରେ ବରପଲ୍ଲୀ ହରିଜନସାହିର ଉର୍ମିଳା ନାଏକ (୩୫), ସବିତା ନାଏକ (୪୨), ତ୍ରିନାଥ ନାଏକ (୪୦), କସ୍ତୁରୀ ନାଏକ (୪୧), ଭିକାରୀ ନାଏକ (୪୫), ମୁନା ନାଏକ (୧୭), ରାଧା ନାଏକ (୫୦) କମା ନାଏକ (୫୫), ସୋମନାଥ ନାଏକ (୨୦) ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୨ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାପଡିଛି। ଏ ସମ୍ପର୍କରେ ବରପଲ୍ଲୀ ଗାଁର କସ୍ତୁରୀ ନାଏକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୨୫/୨୧ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ପରେ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ କଇଁଥପଲ୍ଲୀ ଗାଁର ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ବିଶ୍ୱଜିତ ରାଉତରାୟ କହିଛନ୍ତି।

